# ଶେଷ ହେଲା ଆଦିବାସୀ ମେଳା

# ମେଳାରେ କାରବାର ୮ କୋଟି ଟଙ୍କା ଟପିଛି

ରାଜ୍ୟର ଆଦିବାସୀ ଜୀବନର ମହାକୁମ୍ଭ ରୂପେ ପରିଚିତ ଆଦିବାସୀ ମେଳା ଶନିବାର ସଂଧ୍ୟାରେ ଖାରବେଳ ନଗରର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଶେଷ ହୋଇଛି । ଆଦିବାସୀମାନଙ୍କର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଜୀବନର ବାସ୍ତବ ଚିତ୍ର ବହନ କରୁଥିବା ଏହି ମେଳା ରାଜଧାନୀବାସୀଙ୍କ ପାଇଁ ଆଣି ଦେଇଥିଲା କିଛି ନିଆରା ଅନୁଭୂତି । ପନ୍ଦର ଦିନ ଧରି ପ୍ରତି ସଂଧ୍ୟାରେ ଆଦିବାସୀ ସଂପ୍ରଦାୟର ପାରମ୍ପରିକ ନୃତ୍ୟ, ସଂଗୀତ ଓ ବାଦ୍ୟ ଯନ୍ତ୍ରର ମଧୁର ମୂର୍ଚ୍ଛନାରେ ଝଙ୍କୃତ ହୋଇ ଉଠିଥିବା ମେଳା ପରିସର ଦର୍ଶକମାନଙ୍କୁ ଯେପରି ଆମୋଦିତ କରିପାରିଥିଲା, ତାହା ରାଜଧାନୀର ସାଂସ୍କୃତିକ ଜୀବନରେ ନିଶ୍ଚିନ୍ତ ଭାବରେ ଏକ ମାଇଲଖୁନ୍ଟ ହୋଇ ରହିବ । ପନ୍ଦରଦିନ ଧରି ଚାଲିଥିବା ମେଳାରେ ୮ କୋଟି ଟଙ୍କାରୁ ଉର୍ଦ୍ଧ୍ୱ କାରବାର ହୋଇଥିବାର ପ୍ରାରମ୍ଭିକ ଅଟକଳରୁ ଜଣା ପଡ଼ିଛି । ଚଳିତ ବର୍ଷ ମେଳାର ଯେଉଁ ଦିଗ ଗୁଡ଼ିକ ଦର୍ଶକମାନଙ୍କୁ ବିଶେଷ ପ୍ରଭାବିତ ଓ ଆକର୍ଷିତ କରିଥିଲା, ତାହା ହେଉଛି ଲବ୍‌ଧ ପ୍ରତିଷ୍ଠ ଚିତ୍ରଶିଳ୍ପୀ ଓ କଳାକୃତୀ ବିଶେଷଜ୍ଞଙ୍କ ପରାମର୍ଶକୁ ଆଧାର କରି ପ୍ରସ୍ତୁତ ହୋଇଥିବା ମେଳା ପରିସରର ସୌନ୍ଦର୍ଯ୍ୟପୂର୍ଣ୍ଣ ନିର୍ମାଣ ଶୈଳୀ । ଆଦିବାସୀ ମହିଳା ସଶକ୍ତିକରଣ ମନ୍ତ୍ରକୁ ପ୍ରଚାର ଓ ପ୍ରସାର କରିବା ଏଥର ଏହି ମେଳାର ଅନ୍ୟତମ ଆଭିମୁଖ୍ୟ ଥିଲା । କାରଣ ଅଧିକାଂଶ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରି କରିବାରେ ମହିଳାମାନେ ହିଁ ଆଗଭର ଥିବାର ଦେଖା ଯାଇଥିଲା । ଆଦିବାସୀମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ଓ କୃଷିଜାତ ସାମଗ୍ରୀ ତଥା ସେମାନଙ୍କ ଦ୍ୱାରା ସଂଗୃହୀତ ବନଜାତ ଦ୍ରବ୍ୟ ପ୍ରଦର୍ଶନ ଓ ବିକ୍ରିବଟା ନିମନ୍ତେ ଏହି ମେଳା ଏକ ବଡ଼ ବଜାର ସୃଷ୍ଟି କରିପାରିଥିଲା । ବିଶେଷ କରି ରାଜଧାନୀର ସାଧାରଣ ଜନତା ଓ ସମ୍ଭ୍ରାନ୍ତ ପରିବାରର ମହିଳାମାନେ ନିଜ ନିଜର ଘର ସଜାଇବା ଉପକରଣ ଠାରୁ ଆରମ୍ଭ କରି ରୋଷେଇ ସାମଗ୍ରୀ ପର୍ଯ୍ୟନ୍ତ କ୍ରୟ କରିବାକୁ ବିଭିନ୍ନ ଷ୍ଟଲରେ ଯେପରି ଭିଡ଼ ଜମାଇଥିଲେ, ତାହା ଏକ ନିଆରା ଅନୁଭୂତି ଆଣିଥିଲା ।

ଆଜିର ଉଦ୍‌ଯାପନ ଉତ୍ସବରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଏଥିରେ କୋରାପୁଟ ସାଂସଦ ଝୀନ ହିକକା, ବିଭାଗୀୟ ସଚିବ ଶ୍ରୀ ରଘୁ ପ୍ରସାଦ ଓ ନୋଡାଲ ଅଧିକାରୀ ଡକ୍ଟର ଅଖିଳ ବିହାରୀ ଓତା ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ଅବସରରେ ମେଳାରେ କୃତିତ୍ୱ ହାସଲ କରିଥିବା ବିଭିନ୍ନ ଷ୍ଟଲ ଓ ସଂସ୍ଥା ଗୁଡ଼ିକୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷ ସଂଧ୍ୟାର ସାଂସ୍କୃତିକ ଉତ୍ସବରେ ନୀଳଗିରିର ଆଦିବାସୀ କଳାକାରମାନେ ଭୂମିଜ, ନବରଙ୍ଗପୁର କଳାକାରଙ୍କ ଦ୍ୱାରା ଗୋଣ୍ଡ, ଚମ୍ପୁଆ କଳାକାରଙ୍କ ହୋ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ ।

***